# Official Spokesperson's response to media queries regarding recent statement by General Secretariat of the OIC

June 06, 2022

## ଓଆଇସି ସାଧାରଣ ସଚିବାଳୟ ପକ୍ଷରୁ ନିକଟରେ ଜାରି ବିବୃତ୍ତି ସମ୍ବନ୍ଧରେ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ଜୁନ 06, 2022

ଓଆଇସିର ସାଧାରଣ ସଚିବାଳୟ ପକ୍ଷରୁ ନିକଟରେ ଜାରି ବିବୃତ୍ତି ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:

"ଇସଲାମିକ ସହଯୋଗ ସଂଗଠନ (ଓଆଇସି) ର ସାଧାରଣ ସଚିବାଳୟ ଦ୍ୱାରା ଭାରତ ଉପରେ ଜାରି ବିବୃତ୍ତିକୁ ଆମେ ଦେଖିଛୁ।

ଭାରତ ସରକାର ଓଆଇସି ସଚିବାଳୟର ଅବାଞ୍ଛିତ ତଥା ସଂକୀର୍ଣ୍ଣ ମନୋବୃତ୍ତି ଥିବା ମନ୍ତବ୍ୟକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି।

ଭାରତ ସରକାର ସମସ୍ତ ଧର୍ମକୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରନ୍ତି।

ଧାର୍ମିକ ବ୍ୟକ୍ତିତ୍ୱଙ୍କୁ ଅପମାନିତ କରୁଥିବା ଆପତ୍ତିଜନକ ଟ୍ୱିଟ୍ ଓ ମନ୍ତବ୍ୟ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିଲା। ସେମାନେ କୌଣସି ପ୍ରକାରେ ଭାରତ ସରକାରଙ୍କ ମତକୁ ପ୍ରତିଫଳିତ କରେ ନାହିଁ। ସମ୍ପୃକ୍ତ ସଂଗଠନମାନଙ୍କ ଦ୍ୱାରା ଏହି ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଏହା ଦୁଃଖର ବିଷୟ ଯେ ଓଆଇସି ସଚିବାଳୟ ପୁନର୍ବାର ଉଦ୍ଦେଶ୍ୟମୂଳକ ଓ ବିଭ୍ରାନ୍ତିକର ମନ୍ତବ୍ୟ ଦେବାକୁ ଚୟନ କରିଛି। ଏହା କେବଳ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ଇଙ୍ଗିତରେ ଚାଲିଥିବା ଏହାର ବିଭାଜନକାରୀ ଏଜେଣ୍ଡାକୁ ଉଜାଗର କରୁଛି।

ଆମେ ଓଆଇସି ସଚିବାଳୟକୁ ଏହାର ସାମ୍ପ୍ରଦାୟିକ ଦୃଷ୍ଟିକୋଣ ଅବଲମ୍ବନ କରିବା ବନ୍ଦ କରିବାକୁ ଏବଂ ସମସ୍ତ ଆସ୍ଥା ଓ ଧର୍ମ ପ୍ରତି ଉଚିତ୍ ସମ୍ମାନ ପ୍ରଦର୍ଶନ କରିବାକୁ ଅନୁରୋଧ କରିବୁ।”

**ନୂଆଦିଲ୍ଲୀ**

ଜୁନ 06, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.